# ପକ୍ଷୀ

କେଜାଣି ମନେ ପଡୁନି
କେତେ ବେଳୁସବଳ ଦିହଟାରେ
ପକ୍ଷୀ ତୋଳିଛି ଘର
ତୁମ କଥା
ଭାବି ହେଲା ବେଳକୁ
ସତେ ଲାଗୁଛି
ପକ୍ଷୀ ଡେଣା ପିଟିପିଟି
ହସୁଛି
ନହେଲେ ବାୟାଂକ ଭଳି
ଛାଟି ହଉଛି ॥

ପକ୍ଷୀ ବାସ କଲା ପରଠୁଁ
ଯାହା ଅନୁଭବିଛି
ମାଟି ଯେଉଁଠି
ଆକାଶ ବି ଠିକ୍ ସେଇଠି
ନନ୍ଦନ କାନନ - କୁମ୍ଭୀପାକ
ଆଲୋକ - ଅନ୍ଧାର
ସବୁ ଏକା କଥା
ଫରକ କେବଳ
ଚିହ୍ନ ଦେବାର ॥

ପକ୍ଷୀ ରାବିଲେ
ବୋମା ମାଡରେ
ଶୁଭୁଛି ବଂଶୀଧ୍ୱନି
ମଈଁଷୀର ମନ୍ଦାର ଫୁଲରେ
ସଂଚରୁଛି ଜୀବନ
ଭଂଗା ଦେଉଳରେ
ମେହେଫିଲ ଜମଉଛି ଈଶ୍ୱର
କ୍ରୁଶବିଦ୍ଧ ମଣିଷଟି

ସ୍ୱାଗତ କରୁଛି ବସନ୍ତର ॥

ବସା ବନ୍ଧା ପକ୍ଷୀଙ୍କୁ
ଘୋଡେଇବା ହିଁ ମୁସ୍କିଲ
ନିଜର ବୋଲି
ହାତ ଠାରିଡାକୁଥିବେ
ଡିଆଁ ମାରିବେ
ଗେଲ କରିବେ
ସମୟ ଖସିଗଲେ
ମାନଚିତ୍ର ବଦଳେଇ ଦେବେ
ସେତେ ବେଳେ
ନା ଥିବ ପକ୍ଷୀ
ନା ଧସେଇ ହେଉଥିବା ବୈରାଗ୍ୟ ॥।

ଦିଗମ୍ବର ପାତ୍ର